# ପ୍ରଥମ ପାଠ

## ଘରେ-ବାହାରେ-ରାସ୍ତାରେ






















- ପ୍ରତି ଯୋଡ଼ା ଚିତ୍ରରୁ କେଉଁ ଚିତ୍ରଟି ତୁମର ପସନ୍ଦ ହେଉଛି ?
- ଏହା କାହିଁକି ତୁମର ପସନ୍ଦ ହେଉଛି ?
- ବିଶୃଙ୍ଖଳିତ ଭାବରେ କାମ ହେଉଥିବା ଚିତ୍ରଗୁଡ଼ିକୁ ‘X’ ଚିହ୍ନ ଦେଇ ଚିହ୍ନାଅ ।
- ଏହିପରି ଆଉ କେତେକ ଘଟଣା ତୁମ ଅଞ୍ଚଳରେ, ବିଦ୍ୟାଳୟରେ, ଘରେ ଓ ବାହାରେ ତୁମେ ଦେଖିଥିବ । ସେଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଶୃଙ୍ଖଳିତ ଓ କେଉଁଗୁଡ଼ିକ ବିଶୃଙ୍ଖଳିତ ବ୍ୟବହାର ତାହାର ତାଲିକା କର ।

| ଶୃଙ୍ଖଳିତ ବ୍ୟବହାର | ବିଶୃଙ୍ଖଳିତ ବ୍ୟବହାର |
|---|---|
| | |

**ଶିକ୍ଷକଙ୍କ ପାଇଁ ସୂଚନା -** ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ଦଳରେ ବସାଇ ପ୍ରତିଟି ଚିତ୍ରରେ ଯାହା ଦେଖୁଛନ୍ତି ବର୍ଣ୍ଣନା କରିବାକୁ କହିବେ ଏବଂ ଚିତ୍ର ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଆଲୋଚନା ମାଧ୍ୟମରେ ଆଦାୟ କରିବେ ।

ଘରେ, ବାହାରେ, ଖେଳପଡ଼ିଆରେ, ବିଭିନ୍ନ ଅନୁଷ୍ଠାନରେ ଓ ସର୍ବସାଧାରଣ ସ୍ଥାନରେ ଆମେ କେତେ ପ୍ରକାର କାମ କରୁ । ସୁବିଧାରେ କାର୍ଯ୍ୟ ହାସଲ ପାଇଁ ଆମେ କିଛି ସାଧାରଣ ନିୟମ ମାନିଥାଉ । ବଡ଼ମାନେ ବେଳେବେଳେ ଆମକୁ ଉପଦେଶ ଛଳରେ ଆମର ଭଲ ପାଇଁ ଅନେକ କଥା କହିଥାନ୍ତି । ଏହି ଉପଦେଶ ମାନି ଚଳିଲେ ଆମ କାମ ସହଜ ଓ ସୁବିଧାରେ ହୁଏ ଏବଂ ଜୀବନ ନିରାପଦ ରହେ । ନିୟମ ମାନି ଚଳିଲେ ଆମର ବ୍ୟବହାର ଶୃଙ୍ଖଳିତ ହୋଇପାରିବ । ଅନ୍ୟକୁ ଅସୁବିଧାରେ ନ ପକାଇ ଆମେ ସବୁ କାମ କଲେ ଶାନ୍ତି ଶୃଙ୍ଖଳା ରହିବ ।

୧. ତଳ କଥାଗୁଡ଼ିକରୁ ତୁମେ ଯେଉଁ କଥାଗୁଡ଼ିକ ଭଲ ବୋଲି ଭାବୁଛ ସେଗୁଡ଼ିକୁ ପାଖ ବାକ୍ସରେ ' ✔ ' ଚିହ୍ନ ଦିଅ ।

- ପିତାମାତାଙ୍କ କଥା ମାନି ଚଳିବା । ☐
- ବହିପତ୍ର ଏଣେ ତେଣେ ଫୋପାଡ଼ିବା । ☐
- ଘରେ ଭାଇଭଉଣୀଙ୍କ ସହ ମାଡ଼ପିଟ କରିବା । ☐
- ଠିକ ସମୟରେ ସ୍କୁଲକୁ ଯିବା । ☐
- ଭାଇଭଉଣୀଙ୍କୁ ସ୍ନେହ କରିବା । ☐
- ଘରକୁ ଆସୁଥିବା ଅତିଥିଙ୍କୁ ପ୍ରଣାମ କରିବା । ☐
- ଶ୍ରେଣୀ ଗୃହରେ ଶିକ୍ଷକ ପଢ଼ାଉଥିବା ସମୟରେ ସାଙ୍ଗପିଲାଙ୍କ ସହ ମାଡ଼ଗୋଳ କରିବା । ☐
- ସ୍ୱାଧୀନତା ଦିବସରେ ବଣ୍ଟାହେଉଥିବା ମିଠେଇକୁ ଧାଡ଼ିବାନ୍ଧି ଛିଡ଼ାହୋଇ ନେବା । ☐
- ଶ୍ରେଣୀ ବାହାରେ ସମସ୍ତ ଛାତ୍ରଛାତ୍ରୀଙ୍କର ଚପଲକୁ ଧାଡ଼ିରେ ସଜାଡ଼ି ରଖିବା । ☐
- ନିଜର ଖେଳଣାକୁ ସାଙ୍ଗସାଥୀଙ୍କୁ ନ ଦେବା । ☐
- ବିଦ୍ୟାଳୟରୁ ଫେରି ନିଜ ପୋଷାକ,ବହି, ଚପଲକୁ ଉପଯୁକ୍ତ ସ୍ଥାନରେ ରଖିବା । ☐
- ଦୋକାନରୁ ଜିନିଷ କିଣିବା ବେଳେ ନିଜର ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା ନକରି ଠେଲାପେଲା କରିବା । ☐
- ଶୋଭାଯାତ୍ରାରେ ଗଲାବେଳେ ଶୃଙ୍ଖଳାର ସହ ଧାଡ଼ିବାନ୍ଧି ଯିବା । ☐
- ଶ୍ରେଣୀରେ ଶିକ୍ଷକ ପଢ଼ାଉଥିବା ବେଳେ ଗପ କରିବା । ☐
- ଭୋଜିରେ ଠେଲାପେଲା କରି ଖାଇବାକୁ ଚେଷ୍ଟା କରିବା ନାହିଁ । ☐
- ଖାଇସାରି ଆଗେ ନ ଉଠି ସମସ୍ତଙ୍କ ସାଙ୍ଗରେ ଉଠିବା । ☐
- ହାତ ଧୋଇଲାବେଳେ ଜଣ ଜଣ କରି ହାତ ଧୋଇବା । ☐

୨. ୧ ନମ୍ବର କାର୍ଯ୍ୟରେ ଚିହ୍ନାଇଥିବା ଭଲ କାମଗୁଡ଼ିକ ପରି ପରିବାରରେ ଆଉ କେଉଁ ସବୁ କାମ କଲେ ଭଲହେବ ତାହା ତୁମ ବାପା, ମାଆ, ଭାଇ, ଭଉଣୀଙ୍କଠାରୁ ବୁଝି ଲେଖ ।

☆ ______________________ ☆ ______________________
☆ ______________________ ☆ ______________________
☆ ______________________ ☆ ______________________

୩. ଛୁଟିଦିନ ବ୍ୟତୀତ ଅନ୍ୟସବୁ ଦିନ ତୁମେ ବିଦ୍ୟାଳୟକୁ ଆସୁଛ । ପରିବାର ଭଳି ଏଠି ମଧ୍ୟ ତୁମକୁ କିଛି ନିୟମ ମାନିବାକୁ ପଡ଼େ । ବିଦ୍ୟାଳୟ ନିୟମଗୁଡ଼ିକର ଗୋଟିଏ ତାଲିକା କର ।

☆ ______________________ ☆ ______________________
☆ ______________________ ☆ ______________________
☆ ______________________ ☆ ______________________

୪. ଆମେ କିଛି ଖେଳ ଘର ଭିତରେ ଖେଳୁ ଓ ଆଉ କିଛି ଖେଳ ପଡ଼ିଆରେ ଖେଳୁ । ପ୍ରତି ଖେଳ ପାଇଁ କିଛି ନିୟମ ରହିଛି ଓ ଖେଳିବା ବେଳେ ଆମେ ତାହା ପାଳନ କରୁଛୁ । ତୁମେ ଖେଳୁଥିବା ଗୋଟିଏ ଖେଳ ଓ ତା'ର ନିୟମଗୁଡ଼ିକୁ ଲେଖ ।

________________________________________________

________________________________________________

୫. ରାସ୍ତାରେ ଯିବା ଆସିବା ପାଇଁ ଆମେ କିଛି ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଛୁ । ତୁମେ ସେ ନିୟମଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ପାଳନ କରୁଛ ଲେଖ ।

________________________________________________

________________________________________________

ଯାନବାହନ ସବୁ ରାସ୍ତାରେ ନିଜ ବାମପଟେ ଯାଆନ୍ତି । ରାସ୍ତାରେ ଗଲାବେଳେ ଆମେ -

- ସାବଧାନତାର ସହ ରାସ୍ତାକଡ଼ରେ ଚାଲିବା ।
- ରାସ୍ତା ପାରିହେବା ସମୟରେ ବାମ ଓ ଡାହାଣ ଉଭୟ ପାର୍ଶ୍ୱକୁ ଦେଖି ପାରିହେବା ।

- ସାଙ୍ଗସାଥୀଙ୍କ ସହ ଚାଲିଲାବେଳେ ଦଳବାନ୍ଧି ଚାଲିବା ନାହିଁ ।
- ସାଇକେଲରେ ଯିବା ସମୟରେ ଦଳବାନ୍ଧି ଯିବା ନାହିଁ ।
- ସ୍କୁଟର / ମୋଟରସାଇକେଲରେ ଗଲାବେଳେ ଚାଳକ ହେଲମେଟ୍ ବ୍ୟବହାର କରିବେ ।
- ରାସ୍ତାରେ ଗଲାବେଳେ ଅନ୍ୟମନସ୍କ ରହିବା ନାହିଁ ।
- ରାସ୍ତା ମଝିରେ ଖେଳିବା ନାହିଁ ।
- ରାସ୍ତା ମଝିରେ ଛିଡ଼ା ହୋଇ ଗପିବା ନାହିଁ ।
- ରାସ୍ତାରେ କଦଳୀ ଚୋପା ଓ ଅଳିଆ ପକାଇବା ନାହିଁ ।
- ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର କରିବା ନାହିଁ ।

ଆହୁରି ମଧ୍ୟ ଏହିଭଳି ନିୟମ ମାନିବା ପାଇଁ ରାସ୍ତା କଡ଼ରେ କେତେକ ସଙ୍କେତ ଦିଆଯାଇଥାଏ । ଆସ, ସେଥିମଧ୍ୟରୁ କେତୋଟି ସଙ୍କେତ ବିଷୟରେ ଜାଣିବା ।

**ସୂଚନା** — **ସଙ୍କେତ**

☆ ଦୂରତା




☆ ଆଗରେ ରାସ୍ତା ମରାମତି ଚାଲିଛି, ରାସ୍ତା ବନ୍ଦ




☆ ଗାଆଁର ନାମ




☆ ଆଗରେ ସ୍କୁଲ ଅଛି, ଗାଡ଼ି ଧୀରେ ଚଳାଅ



☆ ଆଗକୁ ରାସ୍ତା ବାମ ପଟକୁ
ବୁଲିଛି ।



☆ ଆଗରେ ହମ୍ପସ୍ ଅଛି, ଗାଡ଼ି
ଧୀରେ ଚଳାଅ ।



☆ ଆଗରେ ଅଣଓସାରିଆ ପୋଲ
ଅଛି, ଅନ୍ୟ ଗାଡ଼ି ଆସୁଥିଲେ
ଅପେକ୍ଷା କର ।



☆ ଆଗରେ ଅଣଓସାରିଆ ରାସ୍ତା ଅଛି,
ଧୀରେ ଗାଡ଼ି ଚଳାଅ ।



☆ ଆଗରେ ଫାଟକ ଥିବା ଲେବୁଲ କ୍ରସିଂ,
ଫାଟକ ବନ୍ଦଥିଲେ ଅପେକ୍ଷା କର ।



☆ ଆଗରେ ଜଗୁଆଳି ନାହିଁ କି ଫାଟକ ନାହିଁ,
ଗାଡ଼ିକୁ ଦେଖି ଲାଇନ୍ ପାରି ହୁଅ ।



☆ ଜେବ୍ରା କ୍ରସିଂ, ଏହିଠାରେ ପଦଚାରୀମାନେ
ରାସ୍ତା ପାରି ହୁଅନ୍ତୁ ।



ରାସ୍ତାରେ ଯିବାବେଳେ ଏହିସବୁ ସଙ୍କେତ ଦେଉଥିବା ସୂଚନାକୁ ନ ମାନିଲେ କ'ଣ ଅସୁବିଧା ହେବ ଲେଖ : ____________________________________________

____________________________________________

____________________________________________




ଚିତ୍ର ଦେଖି ସହରାଞ୍ଚଳରେ ଟ୍ରାଫିକ୍ ପୋଲିସ ଯାନବାହନ ଯାତାୟାତକୁ କିପରି ନିୟନ୍ତ୍ରଣ କରୁଛନ୍ତି ଲେଖ ।

____________________________________________

____________________________________________

ଆଜିକାଲି ବଡ଼ ବଡ଼ ସହରରେ ଟ୍ରାଫିକ୍ ପୋଲିସ ବଦଳରେ ସ୍ୱୟଂଚାଳିତ ଟ୍ରାଫିକ୍ ଯନ୍ତ୍ରରୁ ବିଜୁଳି ଆଲୋକ ସଂକେତ ଦ୍ୱାରା ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରାଯାଉଛି । ଛକ ଜାଗାରେ ବିଜୁଳି ଖୁଣ୍ଟରେ ନାଲି, ହଳଦିଆ ଓ ସବୁଜ ରଙ୍ଗର ବତି ଜଳେ ଓ ଲିଭେ ଏବଂ ସମୟ ସୂଚାଉଥିବା ଘଡ଼ି ଲାଗିଥାଏ । ବତିର ରଙ୍ଗ ଭିନ୍ନ ଭିନ୍ନ ସଙ୍କେତକୁ ସୂଚନା ଦିଏ ।

ଯେପରି---

ନାଲି ବତି ଜଳିଲେ ⟶ ଗାଡ଼ି ରହିବ ।

ହଳଦିଆ ବତି ଜଳିଲେ ⟶ ଯିବା ପାଇଁ ପ୍ରସ୍ତୁତ ହୁଅ ।

ସବୁଜ ବତି ଜଳିଲେ ⟶ ନିରାପଦରେ ଯାଇପାର ।

## ଅଭ୍ୟାସ

୧. ଧାଡ଼ିରେ ରହିବା ନିୟମଟି କେଉଁ କେଉଁଠାରେ ଉପଯୋଗୀ ସେଥିରେ ଠିକ (✓) ଚିହ୍ନ ଦିଅ ।

- ☆ ପ୍ରାର୍ଥନା ସ୍ଥଳରେ
- ☆ ଡାକ୍ତରଖାନାରେ ଚିକିତ୍ସାବେଳେ
- ☆ ଖେଳପଡ଼ିଆରେ ଖେଳିବାବେଳେ
- ☆ ବଗିଚାରେ ଘାସ ବାଛିବାବେଳେ
- ☆ ବ୍ୟାଙ୍କରୁ ଟଙ୍କା ଉଠାଇବାବେଳେ
- ☆ ଶ୍ରେଣୀରେ ଦଳଗତ ଶିକ୍ଷଣ କାର୍ଯ୍ୟ କରିବାବେଳେ
- ☆ ରାସ୍ତାରେ ଏକୁଟିଆ ଚାଲିଲାବେଳେ
- ☆ ପୂଜା ଉତ୍ସବ ଗହଳିରେ ଠାକୁର ଦର୍ଶନବେଳେ
- ☆ ଟ୍ରେନ୍ ବା ବସ୍‌ରେ ଚଢ଼ିବାବେଳେ
- ☆ ବିଦ୍ୟାଳୟରେ ବଣ୍ଟାହେଉଥିବା ପୁସ୍ତକ ନେବାବେଳେ
- ☆ ସାଧାରଣତନ୍ତ୍ର ଦିବସରେ ଗାଁ ବା ସହର ପରିକ୍ରମା ସମୟରେ
- ☆ ରେଳଷ୍ଟେସନରେ ଟିକେଟ୍ କାଟିବା ସମୟରେ
- ☆ ମେଳାରେ ବୁଲୁଥିବା ସମୟରେ
- ☆ ବିଦ୍ୟାଳୟର ଛୁଟି ଘଣ୍ଟି ବାଜିଲେ ଶ୍ରେଣୀ କକ୍ଷରୁ ବାହାରିଲାବେଳେ

୨. ଧାଡ଼ିରେ ଠିଆହେବା ନିୟମ ମାନିଲେ କି କି ସୁବିଧା ହୁଏ, ଲେଖ ।

________________________________________


________________________________________

________________________________________

୩. ତୁମେ ଯେଉଁ କାମଗୁଡ଼ିକୁ ପସନ୍ଦ କରୁଛ, ସେହି ବେଲୁନ୍‌ରେ ଠିକ (✓)ଚିହ୍ନ ଦିଅ ।



୪. ଟ୍ରାଫିକ୍ ସଙ୍କେତ ଦେଖାଉଥିବା ଯନ୍ତ୍ରର ଚିତ୍ରରେ ରଙ୍ଗ ଦିଅ ଓ ସୂଚନାଗୁଡ଼ିକୁ ଲେଖ।



___

___

___

୫. ରାସ୍ତାରେ ଚାଲିଲାବେଳେ କେଉଁ କେଉଁ ନିୟମ ମାନିବ ଲେଖ।

___

___

___

୬. ତୁମେ ଦୋକାନକୁ ଲୁଣ କିଣିବା ପାଇଁ ଯାଇଛ। ଦୋକାନରେ ୪/୫ ଜଣ ବ୍ୟକ୍ତି ତୁମ ପୂର୍ବରୁ ଛିଡ଼ା ହୋଇଛନ୍ତି। ତୁମେ ସେଠାରେ କ'ଣ କରିବ ଲେଖ।

☆ ___

୭. ହିମାଚଳ ପ୍ରଦେଶରେ ନୈନା ଦେବୀ ମନ୍ଦିରରେ ଦିଅଁ ଦର୍ଶନପାଇଁ ଯାଇଥିବା ଶ୍ରଦ୍ଧାଳୁମାନଙ୍କ ମଧ୍ୟରୁ ୧୬୨ଜଣ ଦଳାଚକଟାରେ ମଲେ ।

ଯୋଧ୍‌ପୁରର ଚାମୁଣ୍ଡା ମନ୍ଦିରରେ ପ୍ରବେଶ କଲାବେଳେ ଦଳାଚକଟାରେ ୨୦୦ ଜଣ ଲୋକ ମଲେ ।

ଏହି ଦୁଇଟି ଘଟଣା କେଉଁ କାରଣରୁ ଘଟିଲା ଓ କି ନିୟମ ମାନିଥିଲେ ଏପରି ଘଟି ନ ଥାଆନ୍ତା ଲେଖ ।

________________________________________

________________________________________

________________________________________

୮. ଶିକ୍ଷକ ବା ବାପାମା'ଙ୍କ ସହ ରେଳଷ୍ଟେସନ, ବସଷ୍ଟାଣ୍ଡ, ମନ୍ଦିର, ଡାକ୍ତରଖାନା ଓ କଣ୍ଟ୍ରୋଲ ଦୋକାନକୁ ଯାଇ ସେଠାରେ କି କି ନିୟମ ପାଳନ କରାଯାଉଛି ଖାତାରେ ଲେଖି ଆଣି ସାଙ୍ଗସାଥୀଙ୍କ ସହ ଆଲୋଚନା କର ।